ଓଡ଼ିଶା ନ୍ୟାୟିକ ସେବା ସଂଘ, କଟକ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ

26 ନଭେମ୍ବର 1990

[କେ.ଏନ୍. ସିଂହ ଏବଂ କେ. ରାମାସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା ନିୟମ, 1963 - ନିୟମ 7 - ସାମ୍ବିଧାନିକ ବୈଧତା - ସରକାର ପଦୋନ୍ନୀତ ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଅଂଶ ସ୍ଥିର କରିବେ ।*

ଆବେଦନକାରୀ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା କର୍ମଚାରୀ ସଂଘ, ଅନୁଚ୍ଛେଦ 32 ଅନୁଯାୟୀ ସେମାନଙ୍କ ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା ନିୟମାବଳୀ, 1963ର ନିୟମ 7ର ସାମ୍ବିଧାନିକ ବୈଧତାକୁ ଆପତ୍ତି କରିଥିଲେ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବାରେ ସିଧାସଳଖ ନିଯୁକ୍ତି ପାଇଁ ବାର୍ ସଦସ୍ୟଙ୍କଠାରୁ ଆବେଦନ ଆହ୍ୱାନ କରୁଥିବା ତା 24.2.1987 ରିଖର ଅଧିସୂଚନା ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ । ଏହା ଯୁକ୍ତି କରାଯାଇଥିଲା ଯେ ପଦୋନ୍ନତି ସୁଯୋଗ ଅଭାବରୁ ଅଧିକାଂଶ ନ୍ୟାୟିକ ଅଧିକାରୀ ବହୁ ବର୍ଷ ଧରି ଅଚଳାବସ୍ଥା ଦେଇ ଗତି କରୁଛନ୍ତି, ଏବଂ ଆଇନ ଅନୁଯାୟୀ ବାର୍ ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଗ୍ରହଣୀୟ ନୁହେଁ, ଏବଂ ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି କରି ଆଇନ ବିରୁଦ୍ଧରେ କାର୍ଯ୍ୟ କରୁଛନ୍ତି ।

ରିଟ୍ ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି :

1. ଅନୁଚ୍ଛେଦ 233 (1) ଏବଂ (2) ଅନୁଯାୟୀ ରାଜ୍ୟର ଉଚ୍ଚ ନ୍ୟାୟିକ ସେବାରେ ଜିଲ୍ଲା ବିଚାରପତି ପଦବୀ ପାଇଁ ଅଧସ୍ତନ ନ୍ୟାୟିକ ସେବାରୁ ପଦୋନ୍ନତି ସହିତ ବାର ସଦସ୍ୟଙ୍କମାନଙ୍କ ଠାରୁ ସିଧାସଳଖ ନିଯୁକ୍ତି ଦ୍ୱାରା ନିଯୁକ୍ତି ପାଇଁ ବିଚାର କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ ଏବଂ ସୁପାରିଶ କ୍ରମେ ଏହି ନିଯୁକ୍ତି ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା କରାଯାଇଥାଏ ।

2. ସମ୍ବିଧାନ ତଥା ଅନୁଚ୍ଛେଦ 309 ଅନୁଯାୟୀ ପ୍ରସ୍ତୁତ ହୋଇଥିବା ବୈଧାନିକ ନିୟମାବଳୀ ବରିଷ୍ଠ ସେବା ଶାଖାରେ ନିଯୁକ୍ତି ପାଇଁ ବାର୍ ସଦସ୍ୟମାନଙ୍କ ଠାରୁ ପ୍ରତ୍ୟକ୍ଷ ନିଯୁକ୍ତିର ବ୍ୟବସ୍ଥା ରହିଛି । ସାମ୍ବିଧାନିକ ଆଦେଶକୁ କେବଳ ଏଥିପାଇଁ ଆପତ୍ତି କରାଯାଇପାରିବ ନାହିଁ ଯେ ଏହା ନ୍ୟାୟିକ ସେବାର କନିଷ୍ଠ ଶାଖାର ପଦୋନ୍ନତିର ସମ୍ଭାବନା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ।

3. ଆବେଦନକାରୀଙ୍କ ତରଫରୁ ଉଠାଯାଇଥିବା ହତାଶା ଏବଂ ଅଚଳାବସ୍ଥାର ଆଳ ଭୁଲ ଥିଲା ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ବିରୁଦ୍ଧରେ ସେମାନଙ୍କର ଅଭିଯୋଗ ଅଯୌକ୍ତିକ ଥିଲା । ନ୍ୟାୟିକ ସେବାର ସଦସ୍ୟମାନେ ଏହି ପ୍ରକାରର ତୁଚ୍ଛ ମକଦ୍ଦମାରେ ଲିପ୍ତ ହେବା ଉଚିତ୍ ନୁହେଁ କାରଣ ଏହା ନ୍ୟାୟିକ ପ୍ରଶାସନକୁ ଗୌରବ ପ୍ରଦାନ କରେନାହିଁ ।

**4. ଯଦିଓ ନିୟମ 7 ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରିତ କରେ ନାହିଁ, କିନ୍ତୁ ରାଜ୍ୟ ସରକାର ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ 25% ଏବଂ ପ୍ରଶାସନିକ ଆଦେଶ ଦ୍ୱାରା ପଦୋନ୍ନତି ପାଇଁ 75% ଅଂଶ ସ୍ଥିର କରିଛନ୍ତି । ନ୍ୟାୟାଳୟରେ ଉପସ୍ଥାପିତ ତଥ୍ୟରୁ ଏହା ସ୍ପଷ୍ଟ ଯେ ସେବାରେ ପଦୋନ୍ନତି ଦ୍ୱାରା ନିଯୁକ୍ତି 75% କୋଟାରୁ ଅଧିକ କରାଯାଇଛି । ତେଣୁ, ନ୍ୟାୟିକ ସେବାର କନିଷ୍ଠ ଶାଖାର ସଦସ୍ୟମାନଙ୍କ ପ୍ରତି ଭେଦଭାବ ସମ୍ବନ୍ଧୀୟ ଆବେଦନକାରୀଙ୍କ ଅଭିଯୋଗର କୌଣସି ଆଧାର ନାହିଁ ।**

**5. ପ୍ରଶାସନିକ ନିର୍ଦ୍ଦେଶାବଳୀ ଦ୍ୱାରା ବୈଧାନିକ ନିୟମାବଳୀକୁ ପୂରଣ କରାଯାଇପାରିବ । ବୈଧାନିକ ବ୍ୟବସ୍ଥାର ଅନୁପସ୍ଥିତିରେ, ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରି ପ୍ରଶାସନିକ ଆଦେଶ ଦ୍ୱାରା ସେବାରେ ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ଅଂଶ ସ୍ଥିର କରିପାରିବେ । ତେବେ, ନିୟମାବଳୀରେ ସେବାରେ ନିଯୁକ୍ତି ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରଣ କରିବା ବାଞ୍ଛନୀୟ ଏବଂ ଉଚିତ ହେବ । ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ଅଂଶ ସ୍ଥିର କରୁଥିବା ନିୟମରେ ବୈଧାନିକ ବ୍ୟବସ୍ଥାର ଅନୁପସ୍ଥିତି, ଅନିଶ୍ଚିତତାର ସ୍ଥିତି ସୃଷ୍ଟି କରେ ଯାହା ସନ୍ଦେହ ଏବଂ ମକଦ୍ଦମା ସୃଷ୍ଟି କରେ । ତେଣୁ ରାଜ୍ୟ ସରକାର ଏହି ଅନିଶ୍ଚିତତାକୁ ଦୂର କରିବା ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରଣ କରି ନିୟମରେ ସଂଶୋଧନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରି ତୁରନ୍ତ ପଦକ୍ଷେପ ନେବା ଉଚିତ ।**

ମୂଳ ଅଧିକାରିତା : ରିଟ୍ ଆବେଦନ (C) ସଂଖ୍ୟା 485/1987 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ) ।

ଆବେଦନକାରୀଙ୍କ ପକ୍ଷରୁ ପି. ଚିଦାମ୍ବରମ, ପି.ଏନ୍. ମିଶ୍ର ଏବଂ ପି.କେ. ଜେନା ।

ଉତ୍ତରଦାତାଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର୍ ଜେନେରାଲ ଏନ୍.ଏସ୍. ହେଗଡେ ଏବଂ ରାଜ କୁମାର ମେହେତା ।

**ନ୍ୟାୟମୂର୍ତ୍ତି, ସିଂହଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

ଓଡ଼ିଶା ନ୍ୟାୟିକ ସେବା ସଂଘ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା ନିୟମାବଳୀ, 1963ର ନିୟମ 7 ର ସାମ୍ବିଧାନିକ ବୈଧତାକୁ ଆପତ୍ତି କରି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ବାର୍ ସଦସ୍ୟଙ୍କଠାରୁ ଆବେଦନ ଆହ୍ୱାନ କରୁଥିବା ତା 24.2.1987 ରିଖର ଅଧିସୂଚନାକୁ ରଦ୍ଦ କରିବା ପାଇଁ ଏହି ଆବେଦନ ଦାଖଲ କରିଛନ୍ତି ।

ଓଡ଼ିଶା ରାଜ୍ୟର ନ୍ୟାୟିକ ସେବାର ସଦସ୍ୟମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଆବେଦନକାରୀ-ସଂଘ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଅଧସ୍ତନ ନ୍ୟାୟିକ ସେବା ଦୟନୀୟ ଅବସ୍ଥାରେ ରହିଛି ଏବଂ ଅଧିକାଂଶ ନ୍ୟାୟିକ ଅଧିକାରୀ ପଦୋନ୍ନତି ସୁଯୋଗ ଅଭାବରୁ ଅନେକ ବର୍ଷ ଧରି ଅଟକି ରହିଛନ୍ତି । ଯଦିଓ ଅଧସ୍ତନ ନ୍ୟାୟିକ ସେବାର ସଦସ୍ୟମାନଙ୍କୁ ଉଚ୍ଚ ନ୍ୟାୟିକ ସେବାରେ ପଦୋନ୍ନତି ପାଇବାର ସୁଯୋଗ ରହିଛି, କିନ୍ତୁ ଯେହେତୁ ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା ନିୟମ, 1963 (ଏହା ପରେ 'ନିୟମ' ଭାବରେ ସୂଚିତ)ରେ ବାର୍ ସଦସ୍ୟମାନଙ୍କ ଠାରୁ ଉଚ୍ଚ

ନ୍ୟାୟିକ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ବ୍ୟବସ୍ଥା ରହିଛି, ଏହା ଅଧସ୍ତନ ନ୍ୟାୟିକ ସେବାର ସଦସ୍ୟମାନଙ୍କ ପଦୋନ୍ନତି ସମ୍ଭାବନା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଯାହା ସ୍ଥାଣୁତା ଏବଂ ହତାଶା ସୃଷ୍ଟି କରିଥାଏ । ସେମାନଙ୍କର ଅଭିଯୋଗ ହେଉଛି ଯେ ଉଚ୍ଚ ନ୍ୟାୟିକ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ହେବା ଉଚିତ ନୁହେଁ ଏବଂ ସେହି ଦୃଷ୍ଟିରୁ ସେମାନେ ଉଚ୍ଚ ନ୍ୟାୟିକ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ବାର୍ ସଦସ୍ୟଙ୍କଠାରୁ ଆବେଦନ ଆମନ୍ତ୍ରଣ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ତା 24.2.1987 ରିଖର ଅଧିସୂଚନାକୁ ଆପତ୍ତି କରିଛନ୍ତି । ଆବେଦନକାରୀ ନିୟମ 7ର ବୈଧତାକୁ ମଧ୍ୟ ଆପତ୍ତି କରିଛନ୍ତି, ଯାହା ପ୍ରତ୍ୟକ୍ଷ ନିଯୁକ୍ତି କିମ୍ବା ପଦୋନ୍ନତି ଦ୍ୱାରା କେଉଁ ପଦବୀ ପୂରଣ କରାଯିବ ତାହା ସ୍ଥିର କରିବାର କ୍ଷମତା ସରକାରଙ୍କୁ ପ୍ରଦାନ କରିଥାଏ । ଏହା ଅନୁରୋଧ କରାଯାଇଛି ଯେ ନିୟମ 7 ଭାରତୀୟ ସମ୍ବିଧାନର ଧାରା 14, 16 ଏବଂ 233 (2) ର ଉଲ୍ଲଂଘନ କରୁଛି । ରାଜ୍ୟ ସରକାର ତଥା ଉଚ୍ଚ ନ୍ୟାୟାଳୟ ଉଭୟ ଏହି ଆବେଦନକୁ ବିରୋଧ କରି ପ୍ରତିଆରୋପ ଆବେଦନ କରିଛନ୍ତି ।

ପକ୍ଷମାନଙ୍କ ତରଫରୁ ବିଦ୍ୱାନ ଓକିଲଙ୍କୁ ଶୁଣିବା ପରେ, ଆମେ ଆବେଦନରେ କୌଣସି ଯୁକ୍ତି ପାଇନାହୁଁ । ବାର୍ ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ ଏବଂ ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟାଳୟ ଉଚ୍ଚ ନ୍ୟାୟିକ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି କରି ଆଇନ ବିରୁଦ୍ଧରେ କାର୍ଯ୍ୟ କରୁଛନ୍ତି ବୋଲି ଆବେଦନକାରୀଙ୍କ ଅଭିଯୋଗର କୌଣସି ଯଥାର୍ଥତା ନାହିଁ । ଅନୁଚ୍ଛେଦ 233 ଜିଲ୍ଲା ବିଚାରପତିଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥା ପ୍ରଦାନ କରେ । ଖଣ୍ଡ (1) ରେ କୁହାଯାଇଛି ଯେ କୌଣସି ରାଜ୍ୟରେ ଜିଲ୍ଲା ବିଚାରପତି ପଦବୀରେ ବ୍ୟକ୍ତିମାନଙ୍କର ନିଯୁକ୍ତି ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା କରାଯିବ ଏବଂ ଅନୁଚ୍ଛେଦର ଖଣ୍ଡ (2) ରେ ଜିଲ୍ଲା ବିଚାରପତି ଭାବରେ ରାଜ୍ୟ ସଂଘର ସେବାରେ ପୂର୍ବରୁ ନଥିବା ବ୍ୟକ୍ତିଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥା ରହିଛି, ଯଦି, ସେ ଜଣେ ଅଧିବକ୍ତା କିମ୍ବା ଓକିଲ ଭାବରେ ସାତ ବର୍ଷରୁ କମ୍ ହୋଇନଥିବେ ଏବଂ ନିଯୁକ୍ତି ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୁପାରିଶ ହୋଇଥିବେ । ଅନୁଚ୍ଛେଦ 233ର ଏହି ଦୁଇଟି ଖଣ୍ଡ ଅଧସ୍ତ ନ୍ୟାୟିକ ସେବାରୁ ପଦୋନ୍ନତି ତଥା ବାର ସଦସ୍ୟଙ୍କ ଠାରୁ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ରାଜ୍ୟର ଉଚ୍ଚ ନ୍ୟାୟିକ ସେବାରେ ଅନ୍ତର୍ଭୁକ୍ତ ଜିଲ୍ଲା ବିଚାରପତି ପଦବୀରେ ନିଯୁକ୍ତିର ବ୍ୟବସ୍ଥା ରହିଛି । ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ ଏବଂ ସୁପାରିଶ କ୍ରମେ ଏହି ନିଯୁକ୍ତି ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା କରାଯାଇଥାଏ । ଓଡ଼ିଶାର ରାଜ୍ୟପାଳ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ସମ୍ବିଧାନର ଅନୁଚ୍ଛେଦ 309 ଏବଂ ଅନୁଚ୍ଛେଦ 233 ଅନ୍ତର୍ଗତ କ୍ଷମତା ପ୍ରୟୋଗ କରି ଓଡ଼ିଶା ଉଚ୍ଚ ନ୍ୟାୟିକ ସେବା ନିୟମ, 1963 ପ୍ରସ୍ତୁତ କରିଛନ୍ତି ଯାହା ଓଡ଼ିଶା ଉଚ୍ଚ ନ୍ୟାୟିକ ସେବାରେ ନିଯୁକ୍ତ ବ୍ୟକ୍ତିଙ୍କ ନିଯୁକ୍ତି ଏବଂ ସେବାର ସର୍ତ୍ତାବଳୀକୁ ନିୟନ୍ତ୍ରିତ କରେ । ନିୟମ 5 ରେ ଦୁଇଟି ପଦ୍ଧତି ଦ୍ୱାରା ନିଯୁକ୍ତି ପାଇଁ ବ୍ୟବସ୍ଥା ରହିଛି, ଯଥା, ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ସେବାର କନିଷ୍ଠ ଶାଖାରୁ ଅଧିକାରୀମାନଙ୍କୁ ପଦୋନ୍ନତି ଦ୍ୱାରା । ନିୟମ 7 ରେ ବ୍ୟବସ୍ଥା ରହିଛି ଯେ ଯେତେବେଳେ ସେବାର ବରିଷ୍ଠ ଶାଖାରେ କୌଣସି ପଦବୀ ଖାଲି ପଡ଼େ, ସେତେବେଳେ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବେ ଯେ ତାହା ପ୍ରତ୍ୟକ୍ଷ ନିଯୁକ୍ତି କିମ୍ବା ପଦୋନ୍ନତି ଦ୍ୱାରା ପୂରଣ କରାଯାଇପାରିବ କି ନାହିଁ । ନିୟମ 8 ରେ ବ୍ୟବସ୍ଥା ରହିଛି ଯେ ବାରରୁ ସେବାର ବରିଷ୍ଠ ଶାଖାକୁ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯିବ । ନିୟମ 9 ରେ ବ୍ୟବସ୍ଥା ରହିଛି ଯେ ଯେତେବେଳେ ବରିଷ୍ଠ ସେବା ଶାଖାରେ ଖାଲି ପଦବୀକୁ ପଦୋନ୍ନତି ଦ୍ୱାରା ପୂରଣ କରିବାକୁ ନିଷ୍ପତ୍ତି ନିଆଯାଏ, ସେତେବେଳେ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଅନୁଯାୟୀ ତାହା

ପୂରଣ କରିବେ । ବର୍ତ୍ତମାନର ମାମଲାର ଉଦ୍ଦେଶ୍ୟ ପାଇଁ ଅନ୍ୟ ନିୟମ ଉଲ୍ଲେଖ କରିବା ଆବଶ୍ୟକ ନୁହେଁ । ଏହା ସ୍ପଷ୍ଟ ଯେ ସମ୍ବିଧାନ ତଥା ଅନୁଚ୍ଛେଦ 309 ଅନୁଯାୟୀ ପ୍ରସ୍ତୁତ ହୋଇଥିବା ବୈଧାନିକ ନିୟମ ବାର୍ ସଦସ୍ୟମାନଙ୍କ ଠାରୁ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ସେବାର ବରିଷ୍ଠ ଶାଖାକୁ ନିଯୁକ୍ତିର ବ୍ୟବସ୍ଥା ରହିଛି । ସାମ୍ବିଧାନିକ ଆଦେଶକୁ କେବଳ ଏଥିପାଇଁ ଆପତ୍ତି କରାଯାଇପାରିବ ନାହିଁ ଯେ ଏହା ନ୍ୟାୟିକ ସେବାର କନିଷ୍ଠ ଶାଖାର ପଦୋନ୍ନତିର ସମ୍ଭାବନାକୁ କିଛି ମାତ୍ରାରେ ପ୍ରତିକୂଳ ପ୍ରଭାବ ପକାଇପାରେ ।

ନ୍ୟାୟାଳୟରେ ଉପସ୍ଥାପିତ ତଥ୍ୟରୁ ଏହା ସ୍ପଷ୍ଟ ଯେ ଆବେଦନକାରୀଙ୍କ ତରଫରୁ ଉଠାଯାଇଥିବା ହତାଶା ଏବଂ ସ୍ଥାଣୁତାର ଆବେଦନ ଭୁଲ ଅଟେ । ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ଦାଖଲ କରାଯାଇଥିବା ପ୍ରତି ସତ୍ୟପାଠରେ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତି ସମ୍ବନ୍ଧୀୟ ବିବରଣୀ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଛି ଯାହା ପ୍ରକାଶ କରେ ଯେ 1961 ରୁ 1987 ମଧ୍ୟରେ ବାର୍ ର ମାତ୍ର 12 ଜଣ ସଦସ୍ୟ ପ୍ରତ୍ୟକ୍ଷ ଭାବେ ଉଚ୍ଚ ନ୍ୟାୟିକ ସେବାର ବରିଷ୍ଠ ଶାଖାକୁ ନିଯୁକ୍ତି ପାଇଥିବା ବେଳେ ନ୍ୟାୟିକ ସେବାର କନିଷ୍ଠ ଶାଖାରୁ ପଦୋନ୍ନତି ମାଧ୍ୟମରେ 100 ଜଣ ନିଯୁକ୍ତି ପାଇଛନ୍ତି । ଏହା ଉଲ୍ଲେଖନୀୟ ଯେ ନ୍ୟାୟିକ ସେବାର କନିଷ୍ଠ ଶାଖାର ସଦସ୍ୟମାନେ କେବଳ 10ଟି ପୂର୍ବତନ କ୍ୟାଡର ପଦବୀ ରଖିଛନ୍ତି ଏବଂ ଏହି ପଦବୀଗୁଡ଼ିକୁ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ସ୍ଥିର କରାଯାଇଥିବା 25 ପ୍ରତିଶତ ଅଂଶ ଆଧାରରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା ଗଣନା କରିବା ସମୟରେ ବିଚାରକୁ ନିଆଯାଇନାହିଁ । ତେଣୁ ନ୍ୟାୟିକ ସେବାର କନିଷ୍ଠ ଶାଖାର ସଦସ୍ୟମାନେ ଉଚ୍ଚ ନ୍ୟାୟିକ ସେବାର ବରିଷ୍ଠ ଶାଖାରେ 75 ପ୍ରତିଶତରୁ ଅଧିକ ମୂଳ ପଦବୀରେ ଅଛନ୍ତି, ଯେଉଁଥିପାଇଁ ସେବାର ନିଯୁକ୍ତି ପାଇଁ ନିର୍ଦ୍ଧାରିତ ସ୍ଥିରୀକୃତ ଅଂଶ ଦୃଷ୍ଟିରୁ କୌଣସି ଯଥାର୍ଥତା ନାହିଁ । ଆମ ମତରେ ଏହି ତଥ୍ୟଗୁଡ଼ିକ ଆମକୁ ଏହି ସିଦ୍ଧାନ୍ତରେ ପହଞ୍ଚାଇଥାଏ ଯେ ପ୍ରତ୍ୟକ୍ଷ ନିଯୁକ୍ତି ବିରୋଧରେ ଆବେଦନକାରୀଙ୍କ ଅଭିଯୋଗ ଅଯୌକ୍ତିକ ଅଟେ । ନ୍ୟାୟିକ ସେବାର ସଦସ୍ୟମାନେ ଆମ ମତରେ ଏହି ପ୍ରକାରର ତୁଚ୍ଛ ମକଦ୍ଦମାରେ ଲିପ୍ତ ହେବା ଉଚିତ୍ ନୁହେଁ କାରଣ ଏହା ନ୍ୟାୟିକ ପ୍ରଶାସନକୁ ସମ୍ମାନ ଦିଏ ନାହିଁ ।

ନିୟମ 7ର ବୈଧତାକୁ ନେଇ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଆପତ୍ତିକୁ ନେଇ ଆମେ ଏହି ଯୁକ୍ତିରେ କୌଣସି ଯୋଗ୍ୟତା ପାଉନାହୁଁ । ନିୟମ 7 ନିମ୍ନରେ ଦିଆଗଲା :

> "ନିୟମ 7 - ଯେତେବେଳେ ସେବାର ବରିଷ୍ଠ ଶାଖାରେ କୌଣସି ପଦବୀ ଖାଲି ପଡ଼େ, ସରକାର ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବେ ଯେ ଏହା ପ୍ରତ୍ୟକ୍ଷ ନିଯୁକ୍ତି କିମ୍ବା ପଦୋନ୍ନତି ଦ୍ୱାରା ପୂରଣ କରାଯାଇପାରିବ କି ନାହିଁ ।

ଏହା ଅନୁରୋଧ କରାଯାଇଛି ଯେ ଉପରୋକ୍ତ ନିୟମ ରାଜ୍ୟ ସରକାରଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି କିମ୍ବା ପଦୋନ୍ନତି ଦ୍ୱାରା କେଉଁ ଖାଲି ସ୍ଥାନ ପୂରଣ କରାଯିବ ତାହା ସ୍ଥିର କରିବାକୁ କ୍ଷମତା ପ୍ରଦାନ କରେ, କିନ୍ତୁ ଏହି ନିୟମ ଦୁଇଟି ଉତ୍ସରୁ ନିଯୁକ୍ତି ପାଇଁ ସ୍ଥିରୀକୃତ ଅଂଶ ପ୍ରଦାନ କରେ ନାହିଁ କିମ୍ବା ପ୍ରତ୍ୟକ୍ଷ ନିଯୁକ୍ତି କିମ୍ବା ପଦୋନ୍ନତି ଦ୍ୱାରା କେଉଁ ଖାଲି ସ୍ଥାନ ପୂରଣ କରାଯିବ ସେ ବିଷୟରେ ପ୍ରଶ୍ନ ସ୍ଥିର କରିବା ପାଇଁ କୌଣସି ପ୍ରକ୍ରିୟା କିମ୍ବା ନିର୍ଦ୍ଦେଶାବଳୀ ଧାର୍ଯ୍ୟ କରେ ନାହିଁ । ଏହି ଦୃଷ୍ଟିକୋଣରୁ, ଏହା ଅନୁରୋଧ କରାଯାଉଛି ଯେ ନିୟମ 7 ସ୍ୱେଚ୍ଛାଚାରୀ ଏବଂ ସମ୍ବିଧାନର ଧାରା 14 ଏବଂ

16ରେ ଉଲ୍ଲଙ୍ଘନକାରୀ ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିୟମ 7 ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରଣ କରେ ନାହିଁ, କିନ୍ତୁ ପକ୍ଷମାନଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ 25 ପ୍ରତିଶତ ଏବଂ ପ୍ରଶାସନିକ ଆଦେଶ ଦ୍ୱାରା ପଦୋନ୍ନତି ପାଇଁ 75 ପ୍ରତିଶତ ଅଂଶ ସ୍ଥିର କରିଛନ୍ତି । ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତି ପାଇଁ 25 ପ୍ରତିଶତ ଏବଂ 75 ପ୍ରତିଶତ ସ୍ଥିରୀକୃତ ଅଂଶ ପାଳନ କରାଯାଇଛି, ସେଥିରେ ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦ ନାହିଁ ଏବଂ ବାସ୍ତବରେ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ କରି ନିଶ୍ଚିତ କରିଛନ୍ତି ଯେ ପଦୋନ୍ନତି ପାଇଁ ସ୍ଥିର ହୋଇଥିବା 75 ପ୍ରତିଶତ ଅଂଶ ବଜାୟ ରଖାଯାଇଛି । ବାସ୍ତବରେ, ସେବାରେ ପଦୋନ୍ନତି ଦ୍ୱାରା ନିଯୁକ୍ତି 75 ପ୍ରତିଶତ ସ୍ଥିରୀକୃତ ଅଂଶରୁ ଅଧିକ କରାଯାଇଛି, ତେଣୁ, ନ୍ୟାୟିକ ସେବାର କନିଷ୍ଠ ଶାଖାର ସଦସ୍ୟମାନଙ୍କ ପ୍ରତି ଭେଦଭାବ ସମ୍ବନ୍ଧୀୟ ଅଭିଯୋଗର କୌଣସି ଆଧାର ନାହିଁ ।

ଯଦିଓ ଏହା ସତ୍ୟ ଯେ ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବୈଧାନିକ ନିୟମ ପରିପୂରକ ହୋଇପାରିବ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାର ପ୍ରଶାସନିକ ଆଦେଶ ଦ୍ୱାରା ସେବାରେ ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରଣ କରିବାକୁ ସକ୍ଷମ, କିନ୍ତୁ ନିୟମରେ ହିଁ ସେବାରେ ନିଯୁକ୍ତି ପାଇଁ ଅଂଶ ନିର୍ଦ୍ଧାରଣ କରିବା ବାଞ୍ଛନୀୟ ଏବଂ ଉଚିତ ହେବ । ନିଯୁକ୍ତିର ଦୁଇଟି ଉତ୍ସ ପାଇଁ ସ୍ଥିରୀକୃତ ଅଂଶ ସ୍ଥିର କରୁଥିବା ନିୟମରେ ବୈଧାନିକ ବ୍ୟବସ୍ଥାର ଅନୁପସ୍ଥିତି, ଅନିଶ୍ଚିତତାର ସ୍ଥିତିରେ ପରିଣତ ହୁଏ ଯାହା ସନ୍ଦେହ ଏବଂ ମକଦ୍ଦମା ସୃଷ୍ଟି କରେ । ତେଣୁ ଆମର ମତ ହେଉଛି ଯେ ଅନିଶ୍ଚିତତା ଦୂର କରିବା ପାଇଁ ସ୍ଥିରୀକୃତ ଅଂଶ ନିର୍ଦ୍ଧାରଣ କରି ନିୟମରେ ସଂଶୋଧନ ପାଇଁ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟନାକ ସହ ପରାମର୍ଶ କରି ତୁରନ୍ତ ପଦକ୍ଷେପ ନେବା ଉଚିତ । ଯଦି ବୈଧାନିକ ନିୟମ ଦୁଇଟି ନିଯୁକ୍ତିର ଉତ୍ସ ପାଇଁ ସ୍ଥିର ହୋଇଥିବା ଅଂଶ ନିର୍ଦ୍ଧାରଣ କରେ, ତେବେ ଏହା ରାଜ୍ୟ ସରକାର ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ପ୍ରତ୍ୟେକ ଥର ଖାଲି ପଦବୀ କେଉଁ ଉତ୍ସରୁ ପୂରଣ କରାଯିବା ଉଚିତ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଯେଉଁ ପ୍ରକ୍ରିୟା କରିବାକୁ ପଡ଼େ ତାହାକୁ ସମାପ୍ତ କରିବ । ତେଣୁ ନିୟମାବଳୀରେ ସ୍ଥିରୀକୃତ ଅଂଶ ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ ।

ଫଳସ୍ୱରୂପ, ଆମେ ଆବେଦନରେ କୌଣସି ଯୋଗ୍ୟତା ପାଇନାହୁଁ, ସେହି ଅନୁଯାୟୀ ଏହାକୁ ଖାରଜ କରିଦିଆଯାଇଛି, କିନ୍ତୁ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ଭି.ପି.ଆର୍. ଆବେଦନ ଖାରଜ ହେଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।